# ସର୍ବାଙ୍ଗୀନ ଶିକ୍ଷାହିଁ ଜୀବନର ଭିତ୍ତି

ସର୍ବାଙ୍ଗୀନ ଶିକ୍ଷାରେ ଜୀବନ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଶିକ୍ଷା ଯେତେ ବ୍ୟାପକ ହୁଏ ଜୀବନ ତେତେ ମହାନ୍, ବିଶାଳ, ସମୃଦ୍ଧିଶାଳୀ ଏବଂ ଐଶ୍ୱର୍ଯ୍ୟ, ଜ୍ଞାନ, ଆନନ୍ଦ, ଶାନ୍ତି, ସାମର୍ଥ୍ୟଯୁକ୍ତ ହୁଏ । ବ୍ୟକ୍ତି-ଜୀବନର ବିକାଶ ଅନୁସାରେ ସେ ନିଜର ପରିବାର, ଗ୍ରାମ, ଦେଶ, ଜଗତର ହିତ ସାଧନ କରିପାରେ । ବ୍ୟକ୍ତି ଛାତ୍ର ଅବସ୍ଥାରେ ଯେଉଁ ଭଲ, ମନ୍ଦ ଆଂଶିକ ବା ପୂର୍ଣ୍ଣ ଶିକ୍ଷା ପ୍ରାପ୍ତ କରେ, ତାହା ବିକାଶପ୍ରାପ୍ତ ହୋଇ ଜୀବନକୁ ସର୍ବାଙ୍ଗସୁନ୍ଦର ଅଥବା ଅଙ୍ଗହୀନକରି ଗଢ଼ିତୋଳେ । ଛାତ୍ର ଅବସ୍ଥାହିଁ ଯଥାର୍ଥରେ ଜୀବନ-ବିକାଶର ମହତ୍ତ୍ୱପୂର୍ଣ୍ଣ ଭିତ୍ତି । ଜୀବନର ଶିକ୍ଷା-ଭିତ୍ତିକୁ ଯଥାର୍ଥ ତଥା ସର୍ବାଙ୍ଗୀନ କରି ନ ହେବାରୁ ବ୍ୟକ୍ତି ସ୍ୱୟଂ ଚାହୁଁଥିବା ଦୁଃଖବିହୀନ ପରମ ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ, ଜ୍ଞାନ ପ୍ରାପ୍ତ କରି ପାରୁ ନାହିଁ କିଂବା ଦେଶ, ଜଗତର ସର୍ବାଙ୍ଗୀନ ହିତ ସାଧିତ ହୋଇପାରୁ ନାହିଁ ।

ବ୍ୟକ୍ତି ଜୀବନର ଆଧାର ମନ, ପ୍ରାଣ, ଶରୀର, ଆଉ ଆତ୍ମା । ଏହି ଚାରି ସତ୍ତା, ସଂଯୋଗରେ ବ୍ୟକ୍ତି ଜୀବିତ ରହି କର୍ମ କରେ । ଏହି ଚାରି ସତ୍ତା ପରସ୍ପର ସମ୍ବନ୍ଧିତ ଏବଂ କୃଷିବେଉଷଣ ସଦୃଶ ପରସ୍ପରର ପରିପୂରକ । ଉତ୍ତମରୂପେ ଚାଷ, ଖତ, ସମୟ ଅନୁସାରେ ଆବଶ୍ୟକ ଜଳ ଦେଲେ କୃଷି ଉତ୍ତମ ଫଳଦିଏ । ଚାଷ, ଖତ, ଜଳ ମଧ୍ୟରୁ କୌଣସି ଗୋଟିକୁ ବାଦ୍ ଦେଲେ ଯେପରି ଫଳ ଉତ୍ତମ, ଆଶାନୁରୂପ ହୁଏ ନାହିଁ, ସେହିପରି ଛାତ୍ରର ମନ, ପ୍ରାଣ, ଶରୀର ଏବଂ ଆତ୍ମା ମଧ୍ୟରୁ କୌଣସି ଗୋଟିଏ ସତ୍ତାର ଶିକ୍ଷା ବାଦ୍ ଦେଇ ଜୀବନ ସବଳ, ନୀରୋଗ ହୁଏ ନାହିଁ କିଂବା ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ, ଜ୍ଞାନ ପ୍ରାପ୍ତ ହୁଏ ନାହିଁ; ବରଂ ଲକ୍ଷ୍ୟ ମାର୍ଗ ଛାଡ଼ି ବିପଥରେ ଗମନ କରେ । ସୃଷ୍ଟି ଆରମ୍ଭରୁ ଏପର୍ଯ୍ୟନ୍ତ ବ୍ୟକ୍ତିର ମନ, ପ୍ରାଣ, ଶରୀର, ଆତ୍ମା – ଏହି ସତ୍ତାର ସମଗ୍ର ଶିକ୍ଷା ଦିଆ ହେଉ ନାହିଁ । ସେହି କାରଣରୁ ଜୀବନ ଅପୂର୍ଣ୍ଣ ରହୁଅଛି ଏବଂ ଦେଶ ଦୁଃଖ, କଷ୍ଟ, ଦରିଦ୍ରତା ଭୋଗ କରୁଅଛି ।

ଶରୀର ଦ୍ୱାରା କର୍ମ ହୁଏ । ଶରୀର ଜଡ଼; ତା'ର କର୍ମ ଶକ୍ତି ସୁପ୍ତ । କର୍ମ ପ୍ରେରଣା ଦିଅନ୍ତି ପ୍ରାଣ, ମନ, ବୁଦ୍ଧି ଏବଂ ଆତ୍ମା । ଏହି ଚାରି ସତ୍ତା ବିକାଶ ପ୍ରାପ୍ତ ହୁଅନ୍ତି ଶିକ୍ଷା ଦ୍ୱାରା । ଆତ୍ମାର ଶିକ୍ଷା ବିନା ଏହିସବୁ ବିକାଶ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ କିଂବା ବ୍ୟକ୍ତିକୁ ପ୍ରାପ୍ତ ଥିବା ଗୁଣ ସେ ଦେଶ ଓ ସଂସାରର ସେବାରେ ବିନିଯୋଗ କରିପାରେ ନାହିଁ; ଅଧିକ ସ୍ଥଳେ, ବ୍ୟକ୍ତିର ପତନ ଘଟାଏ, ଅଥବା ଅନ୍ୟର ଅହିତ ଅନ୍ୟ ଦେଶର ବିନାଶ କାର୍ଯ୍ୟରେ ପ୍ରୟୋଗ କରେ ।

ଆତ୍ମା ଜ୍ଞାନ, ଆନନ୍ଦ, ସୌନ୍ଦର୍ଯ୍ୟାଦି ସଦ୍‌ଗୁଣରେ ପରିପୂର୍ଣ୍ଣ । ଶିକ୍ଷା ଦ୍ୱାରା ସେହି ଆତ୍ମାବିକାଶ ପ୍ରାପ୍ତ ହେଲେ ମନ, ପ୍ରାଣ, ଶରୀରକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ ଏବଂ ବ୍ୟକ୍ତିଜୀବନର ସର୍ବାଙ୍ଗୀନ ବିକାଶ ହୁଏ । ବ୍ୟକ୍ତିକୁ ପ୍ରାପ୍ତ ହୋଇଥିବା ଗୁଣ ଉତ୍ତମ କର୍ମରେ ଯୁକ୍ତ ହୁଏ । ଏହି ଚାରି ସତ୍ତାର ବିକାଶରେ ବ୍ୟକ୍ତିର ଜୀବନ ହୁଏ ପୂର୍ଣ୍ଣ ।

## ଶରୀର, ପ୍ରାଣ, ମନ ଓ ଆତ୍ମାର କର୍ମ

**ଶରୀର :** ଶରୀର ଦ୍ୱାରା କର୍ମ ହୁଏ । ଶରୀର ଜଡ଼, ତା'ର କର୍ମଶକ୍ତିର ଅଭାବ । କିନ୍ତୁ ସେ ମନ, ପ୍ରାଣ ଏବଂ ଆତ୍ମାର ଆଧାର । ସ୍ଥୂଳ ଶରୀରର ଆଶ୍ରୟ ବିନା ଏହି ସବୁ ସତ୍ତା କର୍ମକରିବାରେ ଅସମର୍ଥ । ପ୍ରାଣ, ମନ କିଂବା ଆତ୍ମାର ପ୍ରେରଣାରେ ଶରୀର ଦ୍ୱାରା କର୍ମ ହୁଏ । ଶରୀର ଅତ୍ୟନ୍ତ ନିରୀହ, ମନ ପ୍ରାଣର କ୍ରୀତଦାସ । ମନ, ପ୍ରାଣ, ନିଜ ନିଜ ବାସନା କାମନା ପୂର୍ଣ୍ଣ କରିବା ସକାଶେ ତା' ଉପରେ ସର୍ବଦା ଅତ୍ୟାଚାର କରନ୍ତି ।

ପ୍ରାଣ ସ୍ୱଭାବତଃ ଅସୁର । ସ୍ୱାଦ ଲାଳସା ଯୋଗୁଁ ଶରୀରର ଆବଶ୍ୟକତାରୁ ଅଧିକ, ଅନିୟମିତ, ଉଦରର ପ୍ରତିକୂଳ ଭୋଜନ କରାଏ, ଶରୀରର ଯୋଗ୍ୟତା ଅଯୋଗ୍ୟତାକୁ ବିଚାର ନ କରି ଭୋଗବାସନା ପୂର୍ଣ୍ଣ କରେ । ଅଧିକାର, ନେତୃତ୍ୱ ରକ୍ଷା କରିବା ସକାଶେ ଶରୀର ବିଶ୍ରାମର ନିର୍ଦ୍ଦିଷ୍ଟ ସମୟକୁ ଭୃକ୍ଷେପ କରେ ନାହିଁ । ବୁଦ୍ଧି ଅତ୍ୟନ୍ତ ତୀବ୍ର ହୋଇଥିବା

ସତ୍ତ୍ୱେ ଆତ୍ମାର ଆଲୋକ ଅଭାବରୁ ପ୍ରାଣର ଆଦେଶ ଅନୁସାରେ ଶରୀର ପ୍ରତି ଭୃକ୍ଷେପ ନ କରି କର୍ମର କୌଶଳ ବତାଏ । ଏହିମାନଙ୍କ ଅତ୍ୟାଚାରରେ ଶରୀର ରୋଗଗ୍ରସ୍ତ ହେଲେ ଉଦ୍ଦଣ୍ଡ ପ୍ରାଣ ଶକ୍ତି, ତୀବ୍ର ବୁଦ୍ଧି ବିଦ୍ୟା ନିରର୍ଥକ ହୁଏ ।

କର୍ମ କରିବା ସକାଶେ ଶରୀରକୁ ସୁସ୍ଥ ସବଳ ରଖିବା ଏକାନ୍ତ ଆବଶ୍ୟକ । ସୁସ୍ଥ ଶରୀର ବିନା ସାଂସାରିକ କାର୍ଯ୍ୟ ସଂପନ୍ନ ହୁଏ ନାହିଁ କିଂବା ଅଧ୍ୟାତ୍ମ ବୁଦ୍ଧି ପ୍ରାପ୍ତ ହୁଏ ନାହିଁ । ଏକ ସଙ୍ଗରେ ବ୍ୟକ୍ତିର ଶରୀର, ମନ, ପ୍ରାଣ ଓ ଆତ୍ମାର ଶିକ୍ଷା ଦ୍ୱାରା ତା'ର ସର୍ବାଙ୍ଗୀନ ବିକାଶ ହୁଏ ଏବଂ ସେ ମହାନ୍ ଅସାଧାରଣ କାର୍ଯ୍ୟ କରିପାରେ ଏବଂ ସଂସାରରେ ସ୍ଥାୟୀ ହିତ ସାଧନ କରେ । ଅନ୍ୟାନ୍ୟ ସତ୍ତାର ଶିକ୍ଷାକୁ ବାଦ୍‌ଦେଇ କିଂବା ଗୌଣ ସ୍ଥାନ ଦେଇ ଗୋଟିଏ ସତ୍ତାର ଶିକ୍ଷାକୁ ପ୍ରାଧାନ୍ୟ ଦେଲେ ବ୍ୟକ୍ତି ଜୀବନରେ ବହୁତ ତ୍ରୁଟି ରହିଯାଏ ।

**ପ୍ରାଣ :** ଶାରୀରିକ ବଳ, ନୃତ୍ୟ, ସଙ୍ଗୀତ, ଶିଳ୍ପ, ଯାବତୀୟ କାରୁକାର୍ଯ୍ୟ ଏବଂ ଅସାଧାରଣ ସାହସ, ଅଲୌକିକ ଧୈର୍ଯ୍ୟ, ସମସ୍ତ ପ୍ରକାର କର୍ମଶକ୍ତି ହେଉଛି ପ୍ରାଣର । ଏହିସବୁ ଗୁଣ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ନିହିତ ଥାଆନ୍ତି । ତାହା ସବୁ ବିକାଶ ହୁଅନ୍ତି ଶିକ୍ଷା ଦ୍ୱାରା । ବିନା ଶିକ୍ଷାରେ ଯଦି କୌଣସି ଗୁଣ କୌଣସି ବ୍ୟକ୍ତି ମଧ୍ୟରେ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରକାଶ ହୁଏ, ସେ ଅସାଧାରଣ ବ୍ୟକ୍ତି ରୂପେ ଗଣ୍ୟ ହୁଏ । ପ୍ରାଣର ଏହିସବୁ ଗୁଣ ଥିବା ସତ୍ତ୍ୱେ ତା'ର ବୁଦ୍ଧି ବିବେକ ଏବଂ ଯଥାର୍ଥ ଜ୍ଞାନର ଅଭାବ । ଏହିସବୁ ଶକ୍ତି କର୍ମରେ ବିନିଯୋଗ କରିବା ସକାଶେ ସେ ସର୍ବଥା ମନ, ବୁଦ୍ଧି ଏବଂ ଆତ୍ମାର ଆଶ୍ରିତ । କିନ୍ତୁ ସେ ମହାନ୍ ଶକ୍ତିଶାଳୀ ଥିବା ସତ୍ତ୍ୱେ ସ୍ୱଭାବତଃ ଅସୁର । କାମ, କ୍ରୋଧ, ଲୋଭ, ମୋହ ଈର୍ଷା, ହିଂସା, ଅହଂ, ସ୍ୱାର୍ଥ, ନାମଯଶଃ, ଅଧିକାର ଲାଳସାରେ ସେ ପୂର୍ଣ୍ଣ । ସାଧାରଣ ଅବସ୍ଥାରେ ତା'ର ଭୃତ୍ୟ ଥାଏ ବୁଦ୍ଧି । ବୁଦ୍ଧିକୁ ନିଜ ବଶରେ ରଖି ତା'ରି ସାହାଯ୍ୟରେ ଶରୀର ଦ୍ୱାରା ସେ ବାସନା କାମନା ପୂର୍ଣ୍ଣକରେ ଏବଂ ଯାବତୀୟ ଅନୁଚିତ କର୍ମ କରେ; କିନ୍ତୁ ଆତ୍ମାର ପ୍ରେରଣା ଦ୍ୱାରା ତାହା ଯଥାର୍ଥ ମାର୍ଗରେ ପରିଚାଳିତ ହୁଏ, ଉତ୍ତମ କର୍ମ କରିପାରେ ।

ବୁଦ୍ଧି ଏବଂ ଆତ୍ମାର ବିକାଶ ଛଡ଼ା ପ୍ରାଣ ଅଧିକ ବିକାଶ ନ ହୋଇଥିବା ସାଧାରଣ ଅବସ୍ଥାରେ ବ୍ୟକ୍ତି ପଶୁ ସଦୃଶ ନିଜ ଶରୀର, ପରିବାର ପାଳନପୋଷଣ, ଇନ୍ଦ୍ରିୟ ଭୋଗ ବିଳାସରେ ଜୀବନ ବ୍ୟତୀତ କରେ ।

ଆତ୍ମଜାଗୃତି ବିନା କଳା ଶିକ୍ଷାରେ ବ୍ୟକ୍ତି କୁସଙ୍ଗ ପ୍ରଭାବରେ କଳାର ଦୁରୁପଯୋଗ କରେ ।

ଆତ୍ମବିକାଶ ବିନା ବ୍ୟକ୍ତିର ପ୍ରାଣ ଅଧିକ ବିକଶିତ ବା ଶକ୍ତିଶାଳୀ ହେଲେ ସେ ମନ ବୁଦ୍ଧିକୁ ଭୃତ୍ୟ କରେ । ତାହାରି ସାହାଯ୍ୟରେ ସେ ଚୋରି, ଡକାୟତି, ହିଂସା, ଲଢ଼ାଇ, ଝଗଡ଼ା ଇତ୍ୟାଦି ନିଷିଦ୍ଧ କର୍ମ କରେ । ବ୍ୟକ୍ତିର ପ୍ରାଣଶକ୍ତି ଯଦି ଅତ୍ୟଧିକ ପ୍ରବଳ ହୋଇଥାଏ, ବୁଦ୍ଧି ଯଦି ମହାନ୍ ତୀବ୍ର ହୋଇଥାଏ, କିନ୍ତୁ ଆତ୍ମା ଜାଗ୍ରତ୍ ହୋଇ ନ ଥାଏ, ତେବେ ସେ ବ୍ୟକ୍ତି ହୁଏ ଅସୁର । ନିଜର ଅହଂ, ସ୍ୱାର୍ଥ, ବାସନା, କାମନା ପୂର୍ଣ୍ଣ କରିବା ସକାଶେ ବହୁ ବ୍ୟକ୍ତିଙ୍କୁ ପୀଡ଼ା ଦିଏ, ବହୁ ବ୍ୟକ୍ତିଙ୍କୁ ହତ୍ୟାକରେ, ବହୁ ଦେଶକୁ ଅଧିକାର କରେ, ନିଜ ସିଦ୍ଧାନ୍ତ ନିଜ ଦେଶରେ ବା ବହୁ ଦେଶରେ ପ୍ରତିଷ୍ଠା କରିପାରେ ।

ଏହିପରି ମହାନ୍ ଶକ୍ତିଶାଳୀ ପ୍ରାଣ, ତୀବ୍ର ବୁଦ୍ଧି ଥିବା ବ୍ୟକ୍ତିଙ୍କର ନିଜ ଅଜ୍ଞାତରେ ଆତ୍ମାର ପ୍ରଭାବ ଯଦି କିଛି ଅଂଶରେ ଉନ୍ମନ ପ୍ରାଣ ଉପରେ ପଡ଼େ, ତେବେ ତାଙ୍କର ବିବେକ ଉତ୍ପନ୍ନ ହୁଏ । ସେମାନେ ହୁଅନ୍ତି ନୀତିବାଦୀ । ବିବେକ ଦ୍ୱାରା ସେମାନଙ୍କ ବୁଦ୍ଧି ଉଦ୍ଭାସିତ ହେବାରୁ ତାଙ୍କ ବୁଦ୍ଧି ପ୍ରାଣର ବାସନା, କାମନା ପୂର୍ଣ୍ଣ କରିବାର ଭୃତ୍ୟ ହୋଇ ରହେ ନାହିଁ । ବିବେକଯୁକ୍ତ ବୁଦ୍ଧି ହୁଏ ପ୍ରାଣର; କେତେକ ଅଂଶରେ ସ୍ୱାମୀର ପ୍ରାଣର ଅନୁଚିତ କାମନା, ବାସନା ପୂର୍ଣ୍ଣ କରିବାର ଯନ୍ତ୍ର ନ ହୋଇ ତା'କୁ ଯଥାର୍ଥ ମାର୍ଗରେ ପରିଚାଳିତ କରିବାକୁ ଚେଷ୍ଟା କରେ । ଏହିପରି ନୈତିକବାଦୀ ଅସୁର ହୁଅନ୍ତି ନାହିଁ । ନିଜର ଏବଂ ଅନ୍ୟର ତଥା ନିଜ ଦେଶ ତଥା ଅନ୍ୟ ଦେଶର ହିତ ସାଧନ କରିବାକୁ ଚେଷ୍ଟା କରନ୍ତି, କେତେକ ପରିମାଣରେ ସିଦ୍ଧ ବି କରନ୍ତି । କିନ୍ତୁ ଏଥିରେ ତାଙ୍କର ଅହଂ, ସ୍ୱାର୍ଥ ଦୂର ହୁଏ ନାହିଁ । ଏହି ଅହଂ ସ୍ୱାର୍ଥ ଥିବା ଯୋଗୁଁ ତାଙ୍କ ଦ୍ୱାରା ଜଗତରେ କୌଣସି ସ୍ଥାୟୀ ହିତ ସାଧନ ହୁଏ ନାହିଁ ।

ବ୍ୟକ୍ତିର ପ୍ରାଣଶକ୍ତି ମହାନ୍ ପ୍ରବଳ ଥାଇ ବୁଦ୍ଧି ବିକାଶ ଯଦି ଅନ୍ୟ ବ୍ୟକ୍ତି ତୁଳନାରେ କମ୍ ଥାଏ, ତେବେ ସେ ନେତା ହୋଇ ପାରେ; ନିଜଠାରୁ ଅଧିକ ବୁଦ୍ଧିମାନ୍ ବ୍ୟକ୍ତିକୁ ନିଜ ଅଧିକାରରେ ରଖି ତା' ପରାମର୍ଶ ଦ୍ୱାରା କାର୍ଯ୍ୟ କରି

ପାରେ । ଆଉ ବ୍ୟକ୍ତିର ପ୍ରାଣଶକ୍ତି ପ୍ରବଳ ନ ଥାଇ ବୁଦ୍ଧି ଯଦି ମହାନ୍ ତୀବ୍ର ଥାଏ, ସେ ଅନ୍ୟ ଉପରେ ଅଧିକାର ବିସ୍ତାର କରିପାରେ ନାହିଁ କିଂବା ନେତା ହୋଇପାରେ ନାହିଁ । ଓକିଲ ହୋଇପାରେ, ବିଜ୍ଞାନବେତ୍ତା ହୋଇ ମହାନ୍ ନୂତନ ବସ୍ତୁ ଆବିଷ୍କାର କରିପାରେ । ଅନ୍ୟ ଉପରେ ଅଧିକାର କରିବା, ଅନ୍ୟ ଉପରେ ନିଜ ପ୍ରଭାବ ପକାଇବା କାର୍ଯ୍ୟ ପ୍ରାଣଶକ୍ତିର । ଏହି ପ୍ରାଣଶକ୍ତି ଆତ୍ମା ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇ ଜଗତର ସମସ୍ତ ପ୍ରକାର ହିତ ସାଧନ କରିପାରେ; କିନ୍ତୁ ଆତ୍ମନିୟନ୍ତ୍ରଣ ଛଡ଼ା ତା' ପ୍ରାଣର ଯେଉଁ ଗୁଣ ବିକାଶ ହୋଇ ଥାଏ, ତାହା ସେ ନିଜର ସ୍ୱାର୍ଥ, ଅହଂ; ବାସନା, କାମନା ପୂର୍ଣ୍ଣ କରିବାରେ ପ୍ରୟୋଗ କରେ ।

## ମନ ବୁଦ୍ଧି

ମନ ବୁଦ୍ଧି ମହାନ୍ କୌଶଳୀ । ଯୁକ୍ତି, ତର୍କ, କର୍ମ-କୌଶଳରେ ନିପୁଣ । ଭୌତିକ ଜଗତରେ ବୁଦ୍ଧିର ସ୍ଥାନ ଅତ୍ୟନ୍ତ ଉନ୍ନତ । ବୁଦ୍ଧି ପ୍ରାଣ ଓ ଶରୀର ସାହାଯ୍ୟରେ ଆଶ୍ଚର୍ଯ୍ୟଜନକ ବସ୍ତୁ ଆବିଷ୍କାର କରିପାରେ, ଆକାଶରେ ଉଡ଼ିପାରେ, ଜଳରେ ଗୃହ ନିର୍ମାଣ କରିପାରେ, ଗ୍ରହ ଉପଗ୍ରହରେ ପହୁଞ୍ଚିପାରେ, ଭୌତିକ ପ୍ରକୃତି ଉପରେ କେତେକ ଅଂଶରେ ଅଧିକାର କରିପାରେ । ବୁଦ୍ଧି ମହାନ୍ ଉନ୍ନତ ହେବା ସତ୍ତ୍ୱେ ତା'ର ଜ୍ଞାନ ସୀମିତ; ସ୍ଥୂଳବସ୍ତୁ ଛଡ଼ା ସୂକ୍ଷ୍ମଜ୍ଞାନର ଅଭାବ । ବୁଦ୍ଧି ଏତେ ମହାନ୍ ହେବା ସତ୍ତ୍ୱେ ସେ ଶକ୍ତିହୀନ । ବୁଦ୍ଧି ଅତ୍ୟନ୍ତ ତୀବ୍ର ଥିବା ବ୍ୟକ୍ତିର ଯଦି ପ୍ରାଣଶକ୍ତି ପ୍ରବଳ ନ ଥାଏ, ତେବେ ସେ ପ୍ରାଣପ୍ରଧାନ ବ୍ୟକ୍ତିର ନେତୃତ୍ୱ ଅଧୀନରେ ରହି ପରାମର୍ଶ ନେଇପାରେ । କିନ୍ତୁ ଜ୍ଞାତରେ ଆତ୍ମାର ସ୍ପର୍ଶ ପାଇଲେ କିଂବା ଆତ୍ମାର ପ୍ରଭାବରେ ପ୍ରଭାବିତ ହେଲେ ସେ ଆଉ ପ୍ରାଣର ଆଜ୍ଞାକାରୀ ଭୃତ୍ୟ, ପରାମର୍ଶଦାତା ବା ମନ୍ତ୍ରୀ ହୋଇ ରହେ ନାହିଁ । ଆତ୍ମାର ପ୍ରଭାବ ସେ ଯେତେ ପରିମାଣରେ ଗ୍ରହଣ କରୁଥାଏ, ସେତେ ପରିମାଣରେ ସେ ହେଉଥାଏ ପ୍ରାଣର ସ୍ୱାମୀ । ପ୍ରାଣର ବାସନା, କାମନା ପୂର୍ଣ୍ଣ କରିବା ପରିବର୍ତ୍ତେ ଅବାଞ୍ଛିତ କାର୍ଯ୍ୟକୁ ନିଷିଦ୍ଧକରିଦିଏ । ଯେତେବେଳେ ପୂର୍ଣ୍ଣରୂପେ ଆତ୍ମପ୍ରଭାବକୁ ଗ୍ରହଣ କରି ବ୍ୟକ୍ତି ଆତ୍ମା ଦ୍ୱାରା ପରିଚାଳିତ ହୁଏ ସେତେବେଳେ ସେ ହୁଏ ପ୍ରାଣର ସ୍ୱାମୀ । ସେ ପ୍ରାଣକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ ଏବଂ ଉତ୍ତମ କର୍ମ କରାଏ, ଆତ୍ମପ୍ରଭାବ ଗ୍ରହଣ କରିବାକୁ ପ୍ରାଣକୁ ବାଧ କରେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନ ଓ ପ୍ରାଣ ରୂପାନ୍ତର ହେଲେ ଏହା ହୁଏ । ଯେପପର୍ଯ୍ୟନ୍ତ ଅତିମାନସ ଶକ୍ତି ଦ୍ୱାରା ମନ ଓ ପ୍ରାଣ ଆତ୍ମଧର୍ମରେ ରୂପାନ୍ତରିତ ହୋଇ ନ ଥା'ନ୍ତି, ସେପର୍ଯ୍ୟନ୍ତ ବ୍ୟକ୍ତିର କର୍ମ ସର୍ବାଙ୍ଗସୁନ୍ଦର ହୁଏ ନାହିଁ କିଂବା ସେ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ ନାହିଁ । ଜୀବନ ଅପୂର୍ଣ୍ଣ ରହେ, ଲକ୍ଷ୍ୟ ପ୍ରାପ୍ତ ହୁଏ ନାହିଁ । ଶରୀର, ମନ, ପ୍ରାଣ ଏବଂ ଆତ୍ମା ଏହି ସତ୍ତାମାନ ଯଦ୍ୟପି ପରସ୍ପରର ଆଶ୍ରିତ ଏବଂ ପରସ୍ପରର ପରିପୂରକ, ତଥାପି ଆତ୍ମା ସେସବୁର କ୍ରିୟାଶକ୍ତି, କାରଣ ଆତ୍ମାର ଆଲୋକରେ ସେସବୁ ଆଲୋକିତ ହୁଅନ୍ତି ଏବଂ ଯଥାର୍ଥ ମାର୍ଗରେ ପରିଚାଳିତ ହୁଅନ୍ତି ।

**ଆତ୍ମା :** ଆତ୍ମା, ବିବେକ, ଜ୍ଞାନ, ଆନନ୍ଦ, ଆନ୍ତର ଦିବ୍ୟଦୃଷ୍ଟି, ଶାନ୍ତି, ସମତା, ଅହିଂସା, ନିଃସ୍ୱାର୍ଥତା, ସାମଞ୍ଜସ୍ୟ ଅନ୍ୟର ହିତାଦି ଦିବ୍ୟ ଗୁଣରେ ବିଭୂଷିତ ଏବଂ ଭଗବତ୍ ସ୍ୱରୂପ । ମନ, ପ୍ରାଣ, ଶରୀର ଏବଂ ଆତ୍ମା – ଏହି ଚାରିସତ୍ତା ଭଗବାନଙ୍କରହିଁ ସ୍ୱରୂପ, ଆସିଛନ୍ତି ଭଗବାନଙ୍କଠାରୁ । ଭଗବାନ୍ ସୃଷ୍ଟି କରିବା ସଙ୍କଳ୍ପ କରି ବହୁ ହେବା ଉଦ୍ଦେଶ୍ୟରେ ମନ, ପ୍ରାଣ, ଶରୀର ସ୍ୱୟଂ ସୃଷ୍ଟିକଲେ । ମନ, ପ୍ରାଣ, ଶରୀର ଯଦ୍ୟପି ଭଗବତ୍‌ତତ୍ତ୍ୱରୁ ଆସିଲେ, ତଥାପି ଭଗବାନଙ୍କ ଇଚ୍ଛାରେ ସେସବୁ ବିକୃତ ହୋଇ ଅଜ୍ଞାନରେ ବୁଡିଗଲେ । ଏହି ସଂସାରର ବହୁରୂପ ମଧ୍ୟରେ ନିଜକୁ ପ୍ରକାଶ କରିବା ସକାଶେ ଆତ୍ମାରୂପେ ମନ, ପ୍ରାଣ ଶରୀରର ପଶ୍ଚାତରେ ଭଗବାନ୍ ସେସବୁକୁ ଧାରଣ କରି ରହିଲେ । ଆତ୍ମାର ଜ୍ଞାନ ରହିଲା ଅବିକୃତ । ମନ, ପ୍ରାଣ, ଶରୀର ମଧ୍ୟରେ ଆତ୍ମା ଦିବ୍ୟ ସ୍ୱରୂପରେ ବିଦ୍ୟମାନ ଥିବାରୁ ସେ ସବୁର ମୂଳ ଦିବ୍ୟତ୍ୱରେ ରୂପାନ୍ତରିତ ହେବାର ସମ୍ଭାବନା ରହିଲା । ଏହି ସମ୍ଭାବନାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଏବଂ ଜୀବନର ପୂର୍ଣ୍ଣତା । ଏହି ଲକ୍ଷ୍ୟ ପ୍ରାପ୍ତିହିଁ ପ୍ରତ୍ୟେକ ବ୍ୟକ୍ତିର କାମ୍ୟ ଏବଂ ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ପ୍ରତ୍ୟେକ ବ୍ୟକ୍ତିର ଜୀବନର ଏହି ଲକ୍ଷ୍ୟ

ରହସ୍ୟ ଜ୍ଞାତହୁଏ ଆତ୍ମଜାଗୃତି ବା ବିକାଶରେ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଆତ୍ମା ବିକଶିତ ବା ଜାଗ୍ରତ୍ ନ ହୋଇଛି, ସେପର୍ଯ୍ୟନ୍ତ ବ୍ୟକ୍ତିର ବୁଦ୍ଧି ଯେତେ ତୀବ୍ର, ପ୍ରାଣ ଯେତେ ଶକ୍ତିଶାଳୀ ହେଉ, ସେ ସଂସାରରେ ଯେତେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରୁ ପଛକେ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ସେ ସଚେତ ହୁଏ ନାହିଁ କିଂବା ଲକ୍ଷ୍ୟ ସିଦ୍ଧି କରି ପାରେ ନାହିଁ । ଯେପରି ଆତ୍ମାକୁ ବାଦ୍ ଦେଇ ମନ, ପ୍ରାଣ, ଶରୀରର ବିକାଶରେ ବ୍ୟକ୍ତିକୁ ପରମାନନ୍ଦ, ପରମ ଶାନ୍ତି ପ୍ରାପ୍ତ ହୁଏ ନାହିଁ, ସେହିପରି ମନ, ପ୍ରାଣ, ଶରୀରକୁ ବାଦ୍‌ଦେଇ କେବଳ ଆତ୍ମା ବିକାଶ ଦ୍ୱାରା ବ୍ୟକ୍ତି ସଂସାରର କର୍ମ ସିଦ୍ଧି କରିପାରେ ନାହିଁ; ଗୃହ, ସଂସାର କର୍ମ ପରିତ୍ୟାଗ କରି ସନ୍ନ୍ୟାସ ମାର୍ଗରେ ନିର୍ବାଣ ମୁକ୍ତି ବା ଭଗବତ୍ ପ୍ରାପ୍ତି କରେ । ସଂସାର ଯେଉଁ ଦୁଃଖକଷ୍ଟରେ ଥାଏ ତା'କୁ ସେହିପରି ଛାଡ଼ିଦିଏ । ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା ଏହି ଚାରି ସତ୍ତାର ବିକାଶ ହୁଏ; ଆତ୍ମଧର୍ମରେ ମନ, ପ୍ରାଣ, ଶରୀର ତା'ର ମୂଳ ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହୁଅନ୍ତି ଏବଂ ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରନ୍ତି ।

## ଜୀବନର ଲକ୍ଷ୍ୟ

ପ୍ରତ୍ୟେକ ବ୍ୟକ୍ତି ସ୍ୱାଭାବିକ ରୂପେ ସ୍ୱତଃସ୍ଫୂର୍ତ୍ତ ଭାବେ ଯାହା ଚାହାନ୍ତି, ତାହାହିଁ ଯଥାର୍ଥରେ ଜୀବନର ଲକ୍ଷ୍ୟ । ସଂସାରରେ ଗୋଟିଏ ବ୍ୟକ୍ତି ଏହି ଚାହିବାରୁ ବାଦ୍ ଯାଏ ନାହିଁ । ସମଗ୍ର ବ୍ୟକ୍ତି ଚାହାନ୍ତି ଦୁଃଖବିହୀନ ଅଖଣ୍ଡ ପରମାନନ୍ଦ, ରୋଗ, ବୃଦ୍ଧତ୍ୱରୁ ମୁକ୍ତି, ଅମରତ୍ୱ । ଏହାହିଁ ନିର୍ବିବାଦରେ ସମସ୍ତ ବ୍ୟକ୍ତିର ଲକ୍ଷ୍ୟ । ଗୋଟିଏ ବ୍ୟକ୍ତି ସୁଖ ସଙ୍ଗେ ଦୁଃଖ, ରୋଗ, ବୃଦ୍ଧତ୍ୱ ଚାହେ ନାହିଁ । କିନ୍ତୁ ବ୍ୟକ୍ତିର ମନ, ପ୍ରାଣ, ଶରୀର, ଆତ୍ମଜ୍ଞାନରେ ଉଦ୍ଭାସିତ ହୋଇ ନ ଥିବାରୁ ମହାନ୍ ବୁଦ୍ଧି ପ୍ରଧାନ ବ୍ୟକ୍ତି ଶାସ୍ତ୍ରଜ୍ଞ ପଣ୍ଡିତ, ଭୌତିକ ବିଜ୍ଞାନବାଦୀ, ଦେଶର ମହାନ୍ ନେତାମାନେ ମଧ୍ୟ ଜୀବନର ଏହି ଯଥାର୍ଥ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୁଅନ୍ତି ନାହିଁ । ଶିକ୍ଷା, ପାରିପାର୍ଶ୍ୱିକ ଅବସ୍ଥା, ସଂଗପ୍ରଭାବରେ ଭ୍ରମବଶ ହୋଇ ସେହି ଦୁଃଖବିହୀନ ପରମ ସୁଖକୁ ସଂସାର-ବସ୍ତୁ, ଚୋରି, ଡକାୟତି, ପରିବାର, ଧନ, ମହତ୍ତ୍ୱ, ଅଧିକାର ପ୍ରାପ୍ତି, ବିଦ୍ୟାର୍ଜନ, ଡାକ୍ତର, ଇଂଜିନିଅର, ବିଜ୍ଞାନବିତ୍ ହେବା, ଦେଶନେତା ବା ମନ୍ତ୍ରୀ ହେବାରେ ଏବଂ ଇନ୍ଦ୍ରିୟ ଭୋଗବିଳାସରେ ଖୋଜନ୍ତି । ଏହି ସବୁ ବସ୍ତୁରେ ସୁଖ ସଙ୍ଗେ ଦୁଃଖ ବିଦ୍ୟମାନ ଥାଏ । ସେ ସକାଶେ ବ୍ୟକ୍ତିର ଚାହିବା ପୂର୍ଣ୍ଣ ହୁଏ ନାହିଁ । ବ୍ୟକ୍ତିର ଏହି ଚାହିବା ଏବଂ ଏହି ଲକ୍ଷ୍ୟ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାରେ । ଏହି ରୂପାନ୍ତର ହୁଏ ମା'ଙ୍କ ଚରଣରେ ନିଜକୁ ନିଃଶେଷ ଭାବେ ସମର୍ପଣ କଲେ ।

## କେତେକ ପ୍ରଶ୍ନର ଉତ୍ତର

ପ୍ର : ଆଜିକାଲି ସ୍କୁଲ କଲେଜର ଛାତ୍ରମାନେ କାହିଁକି ଏପରି ବିଶୃଙ୍ଖଳଭାବେ ଆନ୍ଦୋଳନ ଏବଂ ଧର୍ମଘଟ କରୁଅଛନ୍ତି ?

ଉ : ଜୀବନର ଯଥାର୍ଥ ଲକ୍ଷ୍ୟ ନ ଜାଣିଥିବା ଯୋଗୁଁ । ଛାତ୍ରମାନଙ୍କ ଜୀବନର ଲକ୍ଷ୍ୟ ସର୍ବାଙ୍ଗୀନ ବିକାଶ । ଏହି ଲକ୍ଷ୍ୟପ୍ରାପ୍ତିର ଯଥାର୍ଥ ଉପାୟ ଆଚରଣ କରିବା କର୍ତ୍ତବ୍ୟ । ଜୀବନର ଲକ୍ଷ୍ୟ ଏବଂ କର୍ତ୍ତବ୍ୟଜ୍ଞାନହିଁ ମନୁଷ୍ୟକୁ ଯଥାର୍ଥ ମାର୍ଗରେ ପରିଚାଳିତ କରେ । ଏହି ଜ୍ଞାନ ବିନା ସବୁ ସମୟରେ ବ୍ୟକ୍ତି ପଥଭ୍ରଷ୍ଟ ହୁଏ ।

ବର୍ତ୍ତମାନ ଯୁଗ ପରିବର୍ତ୍ତନ ସମୟ । ସଂସାର, ସମାଜ, ଶାସନକୁ ପରିଚାଳନା କରୁଥିବା ନୈତିକତାର ଭିତ୍ତି ସଂପୂର୍ଣ୍ଣରୂପେ ଭୁଶୁଡ଼ି ପଡ଼ିଅଛି । ନୂତନ ସତ୍ୟ ପ୍ରତିଷ୍ଠା ହୋଇ ନାହିଁ । ଏହି କାରଣରୁ ସଂସାରର ସମସ୍ତ କ୍ଷେତ୍ରରେ, ସମସ୍ତ ଶ୍ରେଣୀରେ ବିଶୃଙ୍ଖଳା ଦୃଷ୍ଟିଗୋଚର ହେଉଛି । ଏଥିରୁ ଛାତ୍ରମାନେ ମଧ୍ୟ ବାଦ୍ ଯାଇ ନାହାନ୍ତି । ଏହି ସମୟରେ ଯେଉଁମାନେ ଆଗଭଳି ନୂତନ ଯୁଗର ସତ୍ୟକୁ ଗ୍ରହଣ କରିବେ ସେହିମାନେ ହେବେ ନୂତନ ଯୁଗର ଅଗ୍ରଦୂତ । ଏହି

ସୁଯୋଗ ବିଶେଷ ରୂପେ ଛାତ୍ରଛାତ୍ରୀମାନଙ୍କ ସକାଶେ । ବର୍ତ୍ତମାନ ସେମାନଙ୍କର ଜୀବନରେ ଜ୍ଞାନ ଅର୍ଜନ କରିବାର ସୁଯୋଗ । କିନ୍ତୁ ସେମାନେ ଜୀବନର ଲକ୍ଷ୍ୟ ଅନୁସରଣ ଏବଂ ଶିକ୍ଷା ଓ ସଦ୍‌ଗୁଣ ଗ୍ରହଣ କରିବା ବିଚାର କରୁ ନାହାନ୍ତି, ସେହି ସକାଶେ ସେମାନେ ନିଜ ଜୀବନ ନଷ୍ଟ କରୁ ଅଛନ୍ତି ।

ଦେଶର ଭବିଷ୍ୟତ୍ ନିର୍ଭର କରେ ଛାତ୍ରଛାତ୍ରୀମାନଙ୍କ ଉପରେ । ସେମାନେ ନିଜ ଜୀବନକୁ ଶୃଙ୍ଖଳିତ ନ କଲେ, ସେମାନଙ୍କ ଦ୍ୱାରା ନିଜର ପରିବାରର, ଦେଶର ତଥା ଜଗତର ହିତ ହୋଇପାରିବ ନାହିଁ ଏହି ଦାୟିତ୍ୱକୁ ଛାତ୍ରମାନେ କେବେ ବିଚାର କରୁ ନାହାନ୍ତି ।

ପ୍ର : ଛାତ୍ରମାନେ କହୁଛନ୍ତି ଆମ୍ଭମାନଙ୍କ କାର୍ଯ୍ୟ ଯଥାର୍ଥ । ଆମ୍ଭ ଦେଶନେତାମାନେ ଭୋଟ ନେବା ସମୟରେ ସିଧା ସ୍ୱର୍ଗକୁ ଉତାରି ଆଣିବା ପରି ଲମ୍ବାଲମ୍ବା କଥା କହୁଛନ୍ତି । ଶାସନ ଅଧିକାର ପାଇଯିବା ପରେ ନିଜ ସଂଘ ଦୃଢ଼ କରିବା କିଂବା ନିଜ ସ୍ୱାର୍ଥ ସାଧନ କରିବା କାର୍ଯ୍ୟରେ ଲାଗି ପଡୁଛନ୍ତି । ଦେଶ ବା ଗୋଷ୍ଠୀଙ୍କ ଦୁଃଖ କଷ୍ଟକୁ ଦୃଷ୍ଟି ଦେଉ ନାହାନ୍ତି । ନେତାମାନଙ୍କର ଏହି ଆଚରଣକୁ ଅନୁକରଣ କରୁଛନ୍ତି ଅଫିସର ଏବଂ କର୍ମଚାରୀ । ଏହି କାରଣରୁ ହେଉଛି ଦେଶରେ ବିଶୃଙ୍ଖଳା । ଏପରି ଶାସନ ଦ୍ୱାରା ଦେଶର ଉନ୍ନତି ହେଉ ନାହିଁ କିଂବା ଜନତା ସୁଖ, ଶାନ୍ତିରେ ରହି ପାରୁ ନାହାନ୍ତି । ଏପରି ବିଶୃଙ୍ଖଳା ଶାସନ ବିରୋଧରେ ଆମ୍ଭମାନଙ୍କ ଆନ୍ଦୋଳନ ଯୁକ୍ତିଯୁକ୍ତ ନୁହେଁ କାହିଁକି ?

ଉ : ଯୁକ୍ତିଯୁକ୍ତ ନ ହେବାର କାରଣ ହେଲା ତୁମ୍ଭମାନଙ୍କର ନିଜ ଉଚ୍ଚ ଆଦର୍ଶର ଅଭାବ । ତୁମ୍ଭେମାନେ ଶାସନ ଅଧିକାର ପ୍ରାପ୍ତ ନେତାମାନଙ୍କ ଆଚରଣର ପ୍ରତିବାଦରେ ଯେଉଁ ବିଶୃଙ୍ଖଳା କର୍ମ କରୁଅଛ ତାହା ବର୍ଷା ପାଣିରୁ ରକ୍ଷା ହେବା ଉଦ୍ଦେଶ୍ୟରେ କୂଅରେ ଡେଇଁ ପଡ଼ିବା ସଦୃଶ । ତୁମ୍ଭେମାନେ ଯଦି ଏହି ଯୁଗପରିବର୍ତ୍ତନ ସମୟରେ ଜୀବନର ସର୍ବାଙ୍ଗୀନ ବିକାଶ ସକାଶେ ନୂତନ ଯୁଗର ସତ୍ୟ ଗ୍ରହଣ କରନ୍ତ ତେବେ ତୁମ୍ଭେମାନେ ହୁଅନ୍ତ ନୂତନ ଯୁଗର ଅଗ୍ରଦୂତ । ତୁମ୍ଭମାନଙ୍କର ଆଚରିତ କର୍ମ ହୁଅନ୍ତା ସମାଜରେ ଆଦର୍ଶ । ଏହି ଅବସ୍ଥାରେ ବିଶୃଙ୍ଖଳାର ଆଶ୍ରୟ ନ ନେଇ ଯଦି ସତ୍ୟ, ନ୍ୟାୟ, ଯଥାର୍ଥ ଯୁକ୍ତିରେ ଶାସନର ପ୍ରତିବାଦ କରିଥା'ନ୍ତ, ତେବେ ସମାଜ ତୁମକୁ ପୂଜା କରନ୍ତା । ଶାସକ ନେତାମାନଙ୍କ ମସ୍ତକ ନତ ହୁଅନ୍ତା । ତୁମ୍ଭେମାନେ ଭବିଷ୍ୟତ୍ ସମାଜ ଏବଂ ଦେଶ ଶାସନରେ କାର୍ଯ୍ୟ କରନ୍ତ । ତୁମ୍ଭରି ଦ୍ୱାରା ହୁଅନ୍ତା ନୂତନ ଯୁଗର ଭିତ୍ତି ସ୍ଥାପନ ଏବଂ ଦେଶର ଉନ୍ନତି । ଏହା ନ କରି ଜୀବନର ଉନ୍ନତି ସକାଶେ ଜ୍ଞାନାର୍ଜନ କରିବାର ଲକ୍ଷ୍ୟ, ବିଦ୍ୟା ତଥା ସଦ୍‌ଗୁଣ ଶିକ୍ଷା କରିବାର କର୍ତ୍ତବ୍ୟ ତ୍ୟାଗ କରି ଆନ୍ଦୋଳନ ଏବଂ ଧର୍ମଘଟ କରି ପସନ୍ଦ କରୁଥିବା ନେତାମାନଙ୍କ କର୍ମକୁ ଅତିକ୍ରମକରି ବିଶୃଙ୍ଖଳାର ଶିଖରରେ ପହୁଞ୍ଚି ଯାଉଅଛ । ଯେଉଁ ଦେଶର ହିତ କଥା କହୁଅଛ, ସେହି ଦେଶର ସମ୍ପତ୍ତିକୁ ନଷ୍ଟ କରୁଅଛ । ଯଦି ଏହି ବିଶୃଙ୍ଖଳା ଆଚରଣରେ ଉପସ୍ଥିତ ଶାସନ ଭାଙ୍ଗିଯାଏ, ତେବେ ଆମ ଦେଶର ଯେଉଁ ଶାସକ ପୂର୍ବେ ଥିଲେ, ସେମାନଙ୍କର ଯେଉଁ ସ୍ୱଭାବ ଥିଲା, ସେହିପରି ରହିବ; ସେହିମାନଙ୍କ ଦ୍ୱାରା ନୂତନ ଶାସନ ତୁମ ଇଚ୍ଛାନୁରୂପ ହେବ ବୋଲି ତୁମେ କିପରି ଭାବୁଛ ?

ସେହିମାନେ ଯେତେବେଳେ ଶାସନାଧିକାରରେ ଥିଲେ, ସେତେବେଳେ ତାଙ୍କ ଶାସନ, ତାଙ୍କ ବ୍ୟବହାର ତୁମ୍ଭର ପସନ୍ଦ ହେଉ ନ ଥିଲା । ତାଙ୍କ ଶାସନ ଭାଙ୍ଗିବାକୁ ଚେଷ୍ଟା କଲ । ସେମାନଙ୍କ ପରିବର୍ତ୍ତେ ବର୍ତ୍ତମାନ ଶାସକ ଆସିଲେ । ତାଙ୍କ ଶାସନ ତୁମକୁ ପସନ୍ଦ ହେଲା ନାହିଁ । ତାକୁ ଯଦି ଭାଙ୍ଗ, ସେ ପୁରୁଣା ଶାସକ ଶାସନରେ ଆସିବେ; ତୁମର ତା'ବି ପସନ୍ଦ ହେବ ନାହିଁ । ତୁମେ ଧର୍ମଘଟ ଆନ୍ଦୋଳନ କରି ତା'କୁ ବି ଭାଙ୍ଗିବ । ତୁମର କାମ ହେବ ନିଜ ଜୀବନର ଉନ୍ନତିକର କର୍ତ୍ତବ୍ୟରୁ ବିମୁଖ ହୋଇ ବିଶୃଙ୍ଖଳା ସୃଷ୍ଟିକରି ଶାସନ ଭାଙ୍ଗିବା, ଯାହାଦ୍ୱାରା ଦେଶରେ ରହିଥିବା ଶୃଙ୍ଖଳା ସମୂଳେ ନାଶ ହେବ; ତୁମ୍ଭରି ଯୋଗୁଁ ହେବ ଦେଶର ସମ୍ପୂର୍ଣ୍ଣ ବିଶୃଙ୍ଖଳା । ଯେଉଁ ଛାତ୍ରମାନଙ୍କ ଉପରେ ଦେଶର ଉନ୍ନତି ନିର୍ଭର କରେ, ସେହି ଛାତ୍ରମାନଙ୍କ ଦ୍ୱାରା ହେଉଛି ଦେଶର ଅଧପତନ ।

ପ୍ର : ତୁମ କହିବା ଯୁକ୍ତିଯୁକ୍ତ ପ୍ରତୀତ ହେଉଥିବା ସତ୍ତ୍ୱେ ବର୍ତ୍ତମାନ ଅବସ୍ଥାରେ ତାହା ଗ୍ରହଣଯୋଗ୍ୟ ବୋଲି ମନେ ହେଉ ନାହିଁ । ସ୍ୱର୍ଗରୁ ଟୋଳି ଆଣିଲା ପରି ତୁମେ ଆଦର୍ଶ କଥା କହୁଛ, ତାହା ଆମ୍ଭେମାନେ ସମାଜଶାସକ ତଥା ଅନ୍ୟ କୌଣସି କ୍ଷେତ୍ରରେ ଦେଖୁ ନାହୁଁ । ସର୍ବତ୍ର ଅଶାନ୍ତି, ଅସତ୍ୟ, ସ୍ୱାର୍ଥ, ଛଳକପଟର ତାଣ୍ଡବ ନୃତ୍ୟ । ଦେଶ-ନେତାମାନେ

ହେଉଛନ୍ତି ଆମ୍ଭର ଆଦର୍ଶ । ସେମାନଙ୍କ ଆଚରଣ ସର୍ବତ୍ର ବିଦିତ । ଅନ୍ତରରେ ସେମାନଙ୍କ ବାକ୍ୟର ବିପରୀତ ଭାବ ଏବଂ ପ୍ରତ୍ୟକ୍ଷ କର୍ମ । ଆମ୍ଭେମାନେ ଉତ୍ତମ ଆଦର୍ଶ ଶିଖିବୁ କେଉଁଠୁ ? ସମ୍ଭବତଃ ଦେଶର ଦୁର୍ଦ୍ଦଶା ତୁମ ଦୃଷ୍ଟିରେ ପଡ଼ି ନାହିଁ । ଦେଶର ଦୀନହୀନ ପରିସ୍ଥିତି ନ ଜାଣିଥିବା ଯୋଗୁଁ ଆମ ଛାତ୍ର ଆନ୍ଦୋଳନକୁ ଦୋଷ ଦେଉଅଛ । ଲୋକ ବର୍ତ୍ତମାନ ଅଧିକ ସଂଖ୍ୟାରେ ପୂର୍ଣ୍ଣ ଉଦର ଭୋଜନ, ଶରୀର ଆଚ୍ଛାଦନ କରିବାକୁ ବସ୍ତ୍ର ପାଉ ନାହାନ୍ତି । ବେକାର ସଂଖ୍ୟା ବଢ଼ିଚାଲିଛି । ପଢ଼ି ପାସ୍ କରିଥିବା ବ୍ୟକ୍ତିଙ୍କୁ ଜୀବିକା ଯୋଗେଇ ଦେବା ପରିବର୍ତ୍ତେ କର୍ମରେ ନିଯୁକ୍ତ ହେଉଥିବା ବ୍ୟକ୍ତିଙ୍କୁ ଛଟାଇ ହେଉଅଛି । ସବୁ କ୍ଷେତ୍ରରେ ମୂଳରୁ ଶେଷ ପର୍ଯ୍ୟନ୍ତ ସବୁ ଶ୍ରେଣୀର ବ୍ୟକ୍ତି ଦେଶର ଜନତାର ହିତ ଚିନ୍ତା ନ କରି ନିଜ ନିଜ ପକେଟ ଭର୍ତ୍ତି କରୁଅଛନ୍ତି । ଶହେ ଟଙ୍କା ଆତ୍ମସାତ୍ କରି ଦେଶର ବା ଜନତାର ଲକ୍ଷେ ଟଙ୍କା କ୍ଷତି କରୁଅଛନ୍ତି । ସରକାରଙ୍କ ତରଫରୁ ଦେଶହିତ ସକାଶେ କୋଟିଏ ଟଙ୍କା କାଗଜ ପତ୍ରରେ ଲେଖା ହେଲେ ଯଥାର୍ଥରେ ଲକ୍ଷେ ଟଙ୍କା ଖର୍ଚ୍ଚ ହେଉ ଅଛି । ଧନୀମାନେ ଗରିବମାନଙ୍କ ରକ୍ତ ଶୋଷି ଖାଉଛନ୍ତି । ଏପରି ଅବସ୍ଥାରେ ଶାସନ ବିରୁଦ୍ଧ ଆମ ଛାତ୍ର ଆନ୍ଦୋଳନ ଯୁକ୍ତିଯୁକ୍ତ ବୋଲି ଆମ୍ଭେ ମନେ କରୁଅଛୁ । ସୁତରାଂ ଏପରି ଶାସନକୁ ଭାଙ୍ଗି ଦିଆ ନ ହେଲେ ଦେଶରେ ଦୁର୍ନୀତି ବଢ଼ିବ । ଏହି ଅବସ୍ଥା ପ୍ରତି ତୁମେ ଦୃଷ୍ଟି ନ ଦେଇଥିବା ଯୋଗୁଁ ଉପସ୍ଥିତ ଶାସନକୁ ସମର୍ଥନ କରୁଅଛ ।

ଉ : ବର୍ତ୍ତମାନ ଶାସନ ସନ୍ତୋଷଜନକ ନୁହେଁ କିଂବା ତା'କୁ ଆମ୍ଭେ ସମର୍ଥନ କରୁ ନାହୁଁ । କିନ୍ତୁ ଏହା ଅପେକ୍ଷା ଉତ୍ତମ ପ୍ରଣାଳୀର ଶାସନ ନ ଜାଣି, ସ୍ୱୟଂ ଆଚରଣ ନ କରି, ନିଜ ଶିକ୍ଷା ସମୟକୁ ନଷ୍ଟକରି, ନିଜ ଜୀବନ ତଥା ଦେଶରେ ବିଶୃଙ୍ଖଳା ସୃଷ୍ଟି କରିବାରୁ ତୁମ ଛାତ୍ର ଆନ୍ଦୋଳନକୁ ଯୁକ୍ତିଯୁକ୍ତ ନୁହେଁ ବୋଲି କହୁ ଅଛୁ ।

ପ୍ର : କୌଣସି ନୂତନଶାସନ ପ୍ରଣାଳୀ ଆବିଷ୍କାର ନ କରି ପ୍ରଚଳିତ ଶାସନ ପ୍ରଣାଳୀ ଭାଙ୍ଗି ଦେବା ତୁମ ବିଚାରରେ ଯୁକ୍ତିଯୁକ୍ତ ନୁହେଁ । ଯଦି ଉପସ୍ଥିତ ଶାସନ ନୂତନ ପ୍ରଣାଳୀ ଭାଙ୍ଗି ଦିଆ ନ ହୁଏ ତେବେ ଶାସନ ପ୍ରଣାଳୀ ଆବିଷ୍କାର ହେବ କିପରି ?

ଉ : ଗଛର ଗୋଟିଏ ଡାଳରେ ପାଦ ନ ରଖି ଅନ୍ୟ ଡାଳରୁ ପାଦଟି ଉଠେଇ ନେଲେ ପଡ଼ି ଆଣ୍ଠୁ, ଗଣ୍ଠି ଛିଡ଼ିଯିବା ସଦୃଶ ତୁମ ଯୁକ୍ତି । ଗୋଟିଏ ଉତ୍ତମ ଶାସନର ପଦ୍ଧତି ଆବିଷ୍କାର ନ କରି ପୁରାତନ ପଦ୍ଧତିକୁ ଭାଙ୍ଗି ଦେଲେ ଦେଶର ପରିସ୍ଥିତି ଅଧିକ ଦୈନ୍ୟ ହେବ । ଯଥାର୍ଥ ପ୍ରଣାଳୀ ହେଲା; ନୂତନ ପଦ୍ଧତି ଖୋଜି ବାହାର କରିବା ।

ପ୍ର : କେଉଁ ଉପାୟରେ ତୁମେ ଶାସନ ପ୍ରଣାଳୀ ଆବିଷ୍କାର କରିବ ?

ଉ : ଏହାର ଉପାୟ ହେଲା ବର୍ତ୍ତମାନ ଉପସ୍ଥିତ ସମସ୍ତ ପ୍ରକାର ଶାସନପ୍ରଣାଳୀ ଅଧ୍ୟୟନ କରିବା ଏବଂ ଭବିଷ୍ୟତ୍ ଉତ୍ତମ ଶାସନପ୍ରଣାଳୀ ବିଷୟରେ କହିଥିବା ମହାପୁରୁଷଙ୍କ ବାର୍ତ୍ତାକୁ ଆନ୍ତରିକ ଭାବେ ବିଚାର କରିବା ।